## ଟ୍ରକ୍‌ରୁ ଚାନ୍ଦା ମାଗି ଯୁବକ ଧରାପଡ଼ିଲେ

ବାରଙ୍ଗ,(ଡି.ଏନ୍.ଏ.):ବାରଙ୍ଗ ଥାନା ପୋଲିସ ମଙ୍ଗଳବାର ରାତିରେ ଟ୍ରକ୍ ରୋକି ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ମୁଣ୍ଡମୁହାଣ ଗ୍ରାମର ବିବୁଲା ରାଉତଙ୍କୁ ପୋଲିସ ଗିରଫ କରିଛି । ବିବୁଲା ଗତ କିଛି ମାସ ଧରି ବାଲି ବୋଝେଇ ଟ୍ରକକୁ ରୋକି ସେମାନଙ୍କଠାରୁ ଜବରଦସ୍ତ ଗାଡ଼ିପିଛା ୩୦ଟଙ୍କା ଆଦାୟ କରିଥାଏ। ମଙ୍ଗଳବାର ରାତିରେ ଓଆର୍‌୨୧ବି-୮୪୨୭ନଂ ଟ୍ରକ୍‌ଟି ବାଲି ନେଇ ଫୁଲନଖରା ଯାଉଥିବାବେଳେ ମୁଣ୍ଡମୁହାଣ ଛକରେ ବିବୁଲା ଅଟକାଇ ଚାନ୍ଦା ନେଇଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୬୩/୨୦ରେ ମାମଲା ରୁଜୁ କରିଛି।



## ସଂକ୍ଷେପରେ

### ୨ ଡାକ୍ତର ନିଯୁକ୍ତି ପରେ ଧାରଣା ପ୍ରତ୍ୟାହୃତ

ପିପିଲି,୨୧।୧୦(ସ୍ୱ.ପ୍ର.): ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ଗତ ୩ଦିନ ହେଲା ଚାଲିଥିବା ଧାରଣା ବୁଧବାର ପ୍ରଶାସନର ହସ୍ତକ୍ଷେପ ପରେ ପ୍ରତ୍ୟାହୃତ ହୋଇଛି। ଧାରଣାକାରୀଙ୍କ ୫ ଦାବି ମଧ୍ୟରୁ ୨ ଡାକ୍ତର ନିଯୁକ୍ତି ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ତହସିଲଦାର ସପନ କୁମାର ନନ୍ଦ ଲିଖିତ ପ୍ରତିଶ୍ରୁତି ଦେବା ସହ ବୁଧବାରଠାରୁ ହିଁ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଇଛନ୍ତି।

ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ନେଇ ସୋମବାରଠାରୁ ବିଭିନ୍ନ ସଙ୍ଗଠନ, ସାମାଜିକ କର୍ମୀ ଓ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ତହସିଲଦାର ନନ୍ଦଙ୍କ ସମେତ ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନାଧିକାରୀ ଗୌରଙ୍ଗ ଚରଣ ପୃଷ୍ଟି, ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ସତ୍ୟବାଦୀ ଥାନାଧିକାରୀ ଦେବୀ ପ୍ରସାଦ ପାତ୍ର, ବ୍ଲକ ଜନସ୍ୱାସ୍ଥ୍ୟ ପ୍ରୋଗ୍ରାମ ଅଫିସର ଡ. ବିନୟ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପଟେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ନଂ. ୨୪୦୫୨ରେ ଶିଶୁରୋଗ ବିଶେଷଜ୍ଞ ଜ୍ୟୋତି ରଞ୍ଜନ ସାହୁ ଓ ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଅଶୋକ ରଥଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଯୁକ୍ତି ଦିଆଯାଇଛି। ଅନେକ ବର୍ଷ ଧରି ପିପିଲି ମେଡିକାଲ ଅଫିସର ଥିବା ଜେ.ବି. ପଟ୍ଟନାୟକଙ୍କ ବଦଳି ପାଇଁ ଜାତୀୟ ଦଳିତ ମାଇନରିଟି ମହାସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି। ରାକେଶ ରୋଶନ ମହାନ୍ତି, ଅନୁପ ପରିଡ଼ା, ବିଜୟ ସେଠୀ, ନିରୁପମା ପାତ୍ର, ସୁଦର୍ଶନ ପ୍ରଧାନ, ବିଶାଲ ବାରିକ, ପ୍ରବୀର ହାଲଦାର,ତିଳୋତ୍ତମା ବାରିକ, ପ୍ରଣତି ପ୍ରଧାନ, ପ୍ରିୟବ୍ରତ ସାମନ୍ତରାୟ, ଅଶୋକ ଅଗ୍ରୱାଲ, ରାଜକିଶୋର ସ୍ୱାଇଁ ଓ ସୁଦେଷ୍ଣା ମିଶ୍ର ପ୍ରମୁଖ ଅନଶନରେ ସାମିଲ ଥିଲେ।

### ଭାଜପାର ୧୨ମଣ୍ଡଳରେ ସଭାପତି ନିଯୁକ୍ତ

ପୁରୁଣା ଭୁବନେଶ୍ୱର, ୨୧।୧୦(ଡି.ଏନ୍.ଏ.): ଭାଜପା ଭୁବନେଶ୍ୱର ପକ୍ଷରୁ ଜିଲା ସଂଗଠନରେ କ୍ରିୟାଶୀଳ ଓ ମଣ୍ଡଳ ସ୍ତରରେ ଉନ୍ନତି ପାଇଁ ସଭାପତି ନିଯୁକ୍ତି କରାଯାଇଛି। ଭୁବନେଶ୍ୱର ଜିଲା ପ୍ରଭାରୀ ଭୁବନମୋହନ ଜେନାଙ୍କ ଅନୁମୋଦନକ୍ରମେ ଜିଲା ସଭାପତି ବାବୁ ସିଂ ୧୨ଟି ମଣ୍ଡଳର ସଭାପତି ନାମ ଘୋଷଣା କରିଛନ୍ତି। ଏକ୍ରାମ ନିର୍ବାଚନ ମଣ୍ଡଳୀର ଅଧୀନରେ ଥିବା ଲିଙ୍ଗରାଜ ମଣ୍ଡଳର ସୁରେନ୍ଦ୍ର ପ୍ରଧାନ, ଖଣ୍ଡଗିରି ମଣ୍ଡଳର ରାମଚନ୍ଦ୍ର ରଣସିଂହ, ରାଜାରାଣୀ ମଣ୍ଡଳର ଅମରଜ୍ୟୋତି ଜଗଦେବ, ଗ୍ରାମୀଣ ମଣ୍ଡଳର ଅରୁଣ ପୁରୋହିତ। ମଧ୍ୟମ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନୟାପଲ୍ଲୀ ମଣ୍ଡଳର ଜଗନ୍ନାଥ ବେହେରା, ବୁଦ୍ଧେଶ୍ୱରୀ ମଣ୍ଡଳର ସନ୍ତୋଷ ଜେନା, ବନଦୁର୍ଗା ମଣ୍ଡଳର ଫିରୋଜ ଖାନ, ଶ୍ରୀରାମ ମଣ୍ଡଳର ଶଶୀପ୍ରଭା ରଥ। ସେହିଭଳି ଉତ୍ତର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଶ୍ରୀକୃଷ୍ଣ ମଣ୍ଡଳର ଅଞ୍ଜନ ରଥ, ଚନ୍ଦ୍ରଶେଖରପୁର ମଣ୍ଡଳର ଦାମୋଦର ବେହେରା, ବାଣୀବିହାର ମଣ୍ଡଳର ବିଜୟ ରାଉତ, ଗ୍ରାମୀଣ ମଣ୍ଡଳର ଯତୀନ୍ଦ୍ର ମହାନ୍ତି ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ସମସ୍ୟା ଦୂର କରାଯାଉ

ଖୋର୍ଦ୍ଧା ଅଫିସ, ୨୧।୧୦: ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ନାନା ସମସ୍ୟା ଲାଗିରହିଛି। ଅନେକ ଡାକ୍ତର ଓ କର୍ମଚାରୀ ପଦବୀ ଖାଲିପଡ଼ିଛି। ଏଥିଯୋଗୁ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ। ଏଭଳି ଅଭିଯୋଗ ଆଣି ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର ବୁଧବାର ଜିଲାପାଳଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଚିକିତ୍ସାଳୟ ଉପରେ ସହସ୍ରାଧିକ ରୋଗୀ ନିର୍ଭର କରନ୍ତି। ମାତ୍ର ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର କିମ୍ବା ନର୍ସ ନାହାନ୍ତି। ଅଲଟ୍ରାସାଉଣ୍ଡ ମେଶିନ ଥିଲେ ବି କାମରେ ଲାଗୁନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ କିଣାଯାଇଥିବା ଅନେକ ଯନ୍ତ୍ରପାତି ଖତ ଖାଉଛି। ମେଡିକାଲ ପରିସରରେ ଶୌଚାଳୟ ନାହିଁ। ଟ୍ରମା କେୟାର ସେଣ୍ଟର ନ ଥିବାରୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବ୍ୟାହତ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏସବୁ ସମସ୍ୟା ଦୂର ଦିଗରେ ପଦକ୍ଷେପ ନେବାକୁ ସେ ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି।

# ଅବହେଳାରୁ ଐତିହ୍ୟ ନଷ୍ଟ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

### ବିପଦରେ ପୁରୁଣା ଭୁବନେଶ୍ୱରର ଗୋସାଗରେଶ୍ୱର ମନ୍ଦିର



- ମୁଖ୍ୟମନ୍ଦିର ସହ ୧୧ ମନ୍ଦିର ଗର୍ଭ ଗୃହରୁ ପାଣି ଝରୁଛି
- ପୁଷ୍କରିଣୀରୁ ଜଳ ନିଷ୍କାସନ ବାଟ ବନ୍ଦ, ମନ୍ଦିରରେ ପଶୁଛି ପାଣି
- ଭାଙ୍ଗିପଡିଥିବା ପାଚେରି ନିର୍ମାଣ କରୁନି ପ୍ରତ୍ନତତ୍ତ୍ୱ ବିଭାଗ

ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ରାଜ୍ୟର ବହୁ ଐତିହ୍ୟସ୍ଥଳ। ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ମାଟିରେ ମିଶୁଛି ଐତିହାସିକ କୀର୍ତ୍ତିରାଜି। ଇତିମଧ୍ୟରେ ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନେକ ଐତିହ୍ୟ ସତ୍ତା ହରାଇ ବସିଥିବାବେଳେ ଆଉ କିଛି ଧୀରେ ଧୀରେ ନଜରରୁ ଦୂରେଇ ଯିବାରେ ଲାଗିଛି। ରାଜ୍ୟ ସରକାର ଓ ପ୍ରତ୍ନତତ୍ତ୍ୱ ବିଭାଗର ଦୂରଦୃଷ୍ଟି ଅଭାବରୁ ପୁରୁଣା ଭୁବନେଶ୍ୱରର ଏକାଧିକ କୀର୍ତ୍ତିରାଜି ଏବେ ଜବରଦଖଲ ହୋଇଚାଲିଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ପୁରାତନ ତଥା ଐତିହାସିକ ମଠ, ମନ୍ଦିର ଓ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ପରିବର୍ତ୍ତେ ସେସବୁକୁ ଯୋଜନାବଦ୍ଧ ଭାବେ ଧ୍ୱଂସ ମୁହଁକୁ ଠେଲି ଦିଆଯାଉଛି। ଏଥିମଧ୍ୟରେ ପୁରୁଣା ଭୁବନେଶ୍ୱରର ଐତିହ୍ୟ ସମ୍ପନ୍ନ ଗୋସାଗରେଶ୍ୱର ମନ୍ଦିର ରହିଛି। ବୈତାଳୀ ମନ୍ଦିରଠାରୁ ୨୦୦ ମିଟର ଓ ଶ୍ରୀଲିଙ୍ଗରାଜ ମନ୍ଦିର ପଶ୍ଚିମ ଭାଗରୁ ପ୍ରାୟ ୮୦୦ ମିଟର ଦୂରରେ ଥିବା ଏହି ମନ୍ଦିର ଏବେ ବିପଦପୂର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି। ଏଥିସହ ପରିସରରେ ଥିବା ଐତିହ୍ୟ ପୁଷ୍କରିଣୀ ଓ ଏହାକୁ ଲାଗି ତ୍ରୟୋଦଶ ଶତାବ୍ଦୀର ୧୧ ଦେବଦେବୀଙ୍କ ମନ୍ଦିର ମଧ୍ୟ ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ୧୯୯୯ରେ ଶେଷଥର ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗୋସାଗରେଶ୍ୱର ମନ୍ଦିରର ମରାମତି ହୋଇଥିଲା। କିନ୍ତୁ ଏହାପରଠୁ ସତେ ଯେମିତି ଏହି ଐତିହ୍ୟ ରାଜ୍ୟ ତଥା ପ୍ରତ୍ନତତ୍ତ୍ୱ ବିଭାଗ ପାଇଁ ଆଲୋଡ଼ା ହୋଇଯାଇଛି। ଗୋ ମୃତ୍ୟୁ ପାପରୁ ମୁକ୍ତି ପାଇଁ ଲୋକେ ଏଠାରେ ସ୍ନାନ କରିଥାନ୍ତି। ପୁଷ୍କରିଣୀର ଜଳ ପ୍ରାକୃତିକ ଝରଣା ଦ୍ୱାରା ସୃଷ୍ଟି ହୋଇଥିବାବେଳେ ଏଥିରୁ ନିର୍ଗତ ଜଳ ଉତ୍ତର ପୂର୍ବ କୋଣ ଦେଇ ବିନ୍ଦୁସାଗରରେ ମିଶିଥାଏ। ହେଲେ ଏବେ ଅଧିକ ବର୍ଷାହେଲେ ପୁଷ୍କରିଣୀ ପାଣି ନିଷ୍କାସିତ ହୋଇ ନ ପାରି ମୁଖ୍ୟ ମନ୍ଦିରର ଆଧାରକୁ ଜଳମଗ୍ନ କରି ଦେଉଛି। ପାଣିର ପ୍ରାକୃତିକ ପ୍ରବାହକୁ ରୋକିବା ପାଇଁ ଏକ ପାଚେରି ନିର୍ମାଣ କରାଯାଇଥିଲା। ହେଲେ ତାହା ଏବେ ଭାଙ୍ଗିଯାଇଥିବାରୁ ମନ୍ଦିର ମଧ୍ୟକୁ ଜଳ ପ୍ରବେଶ କରି ତାହାକୁ ଦୁର୍ବଳ କରିବାରେ ଲାଗିଛି। ସମସ୍ତ ମନ୍ଦିରର ଗର୍ଭଗୃହରୁ ମଧ୍ୟ ପାଣି ଝରୁଛି। ଏପରି କି ମଣ୍ଡପ ମଧ୍ୟ ଗୋଟିଏ ଆଡ଼କୁ ଢଳି ଗଲାଣି। ପୂର୍ବରୁ ଏହି ପୁଷ୍କରିଣୀର ଜଳକୁ ପିଇବା ପାଣି ଭାବେ ବ୍ୟବହାର କରାଯାଉଥିବାବେଳେ ଏବେ ଏହା ପ୍ରଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ରହିଛି। ମନ୍ଦିର ପରିସର କୂଅଗୁଡ଼ିକ ମଧ୍ୟ ଦୂଷିତ ଅବସ୍ଥାରେ ରହିଛି। ଏନେଇ ସ୍ଥାନୀୟ ଲୋକେ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଯଦି ତୁରନ୍ତ ରକ୍ଷଣାବେକ୍ଷଣ ଓ ମରାମତି ନ ହେଲେ ମନ୍ଦିରର ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ମା' ଜାଗେଶ୍ୱରୀ ୟୁଥ୍ ଆସୋସିଏଶନ ସଭାପତି ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରର ଗଙ୍ଗା-ଯମୁନା, ବଡ଼ କୂଅ, କପିଳକୁଣ୍ଡ, ମଣିକର୍ଣ୍ଣିକା, କୁକୁଟେଶ୍ୱର, କେଦାରଗୌରୀ ଆଦି ବହୁ ଐତିହ୍ୟ ପୁଷ୍କରିଣୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ବୋଲି ଇନ୍‌ଟାକ୍‌ର ଅନିଲ୍ ଧୀର୍ କହିଛନ୍ତି।

# ଏକାମ୍ର ବିକାଶରେ ଜବରଦଖଲ ବାଧକ

ପୁରୁଣା ଭୁବନେଶ୍ୱର, ୨୧।୧୦(ଡି.ଏନ୍.ଏ.)

### ଓପନ ସ୍ପେସ୍ ଜୋନ୍‌ରେ ବେଆଇନ ନିର୍ମାଣରେ ଅଙ୍କୁଶ ନାହିଁ

ଏକାମ୍ର କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସହମତି ଭିତ୍ତିରେ ଘରୋଇ ଜମି ଅଧିଗ୍ରହଣ ସହ ମିଳିତ ଉଚ୍ଛେଦ ଟିମ୍ କାର୍ଯ୍ୟ ଜାରି ରଖିଛି। ୟୁନେସ୍କୋର ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନ ପାଇବା ନେଇ ଏକାମ୍ର ପ୍ରସ୍ତୁତ ହେଉଥିବାବେଳେ କେତେଜଣ ବିଲ୍ଡର ଓ ଜବରଦଖଲକାରୀଙ୍କ ପାଇଁ ବାଧା ଉପୁଜିବା ଆଶଙ୍କା ଦେଖାଦେଇଛି। ସବୁ ଜାଣି ମଧ୍ୟ ଅଫିସରଙ୍କଠାରୁ ପ୍ଲାନିଂ ଏନ୍‌ଫୋର୍ସମେଣ୍ଟର ବରିଷ୍ଠ ଅଧିକାରୀ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଏକାମ୍ର କ୍ଷେତ୍ରର ରେସିଡେନ୍ସିଆଲ ଓ୍ୱିଦିନ ସ୍ପେଶାଲ ହେରିଟେଜ ଜୋନ୍ ଏବଂ ଓପନ ସ୍ପେସ୍ ଜୋନ୍‌ରେ ଥିବା ସ୍ଥିତିବାନ ଜମିର ୪୦ ପ୍ରତିଶତରେ ୭ ମିଟରରୁ ଅଧିକ ଉଚ୍ଚର କୌଣସି ନିର୍ମାଣ ହୋଇପାରିବନି ବୋଲି ନିୟମ ରହିଛି। ହେଲେ ଅନେକ ଆପାର୍ଟମେଣ୍ଟ ବିଭିନ୍ନ ଐତିହ୍ୟ ମନ୍ଦିର ଉଚ୍ଚତାଠାରୁ ଅଧିକ ଉଚ୍ଚର ନିର୍ମାଣ ହେଉଛି। ଗୌତମ ନଗର ମୌଜା ରଥଦାଣ୍ଡର ଗୋସାଗରେଶ୍ୱରର ଉଭୟ ପାର୍ଶ୍ୱ, ମାଉସୀମା ମନ୍ଦିର ପର୍ଯ୍ୟନ୍ତ ବହୁତଳ କୋଠା ନିର୍ମାଣ କାର୍ଯ୍ୟ କରାଯାଉଛି। ଐତିହ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳରେ ଗୋଟିଏ ହେଲେ ୟେଲୋ ଜୋନ୍ ଅର୍ଥାତ୍ ରେସିଡେନ୍ସିଆଲ ୟୁଜ୍ ଜୋନ୍ ନାହିଁ। ଏଏସ୍‌ଆଇ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନ ବହୁ ପୁରାତନ ମଠ, ମନ୍ଦିର ପରିସରରେ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ କିଏ ଦେଉଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୂୟାଁ କହିଛନ୍ତି, ଗୋସାଗରେଶ୍ୱର ମନ୍ଦିରଠାରୁ ୧୦୦ମିଟର ଅଞ୍ଚଳ ରେସିଡେନ୍ସିଆଲ ଓ୍ୱିଦିନ ସ୍ପେଶାଲ ହେରିଟେଜ ଜୋନ୍ ଏବଂ ଓପନ ସ୍ପେସ୍ ଜୋନ୍ ରହିଛି। ଏଠାରେ ଆପାର୍ଟମେଣ୍ଟ ନିର୍ମାଣକୁ କିପରି ଅନୁମତି ମିଳୁଛି ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କହିଛନ୍ତି, ଜମିଗୁଡ଼ିକରେ କେସ୍ ରହିଛି କି ନାହିଁ ଦେଖାଯିବ। ବେଆଇନ ନିର୍ମାଣକାରୀ ବିଲ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।





ଆଜାଦ୍ ହିନ୍ଦ୍ ସରକାରର ୭୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୁଧବାର ଅଲ୍ ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ୍ ପକ୍ଷରୁ ଭୁବନେଶ୍ୱର ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ୩୮ ଅଧିକାରୀଙ୍କୁ ୬୭ ୱାର୍ଡର ପରିମଳ ଦାୟିତ୍ୱ

ଭୁବନେଶ୍ୱର, ୨୧।୧୦ (ବ୍ୟୁରୋ)

ଆଗକୁ ପାର୍ବଣ, ଆଉ ତା ପରେ ଶୀତଦିନ। ଏହି ମଧ୍ୟରେ ଭୁବନେଶ୍ୱରରେ କରୋନା ମୁକାବିଲା ସହ ସମସ୍ତ ୱାର୍ଡର ପରିମଳ ବ୍ୟବସ୍ଥା ସୁଧାରିବାକୁ ଅଣ୍ଟା ଭିଡ଼ିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ପରିମଳ ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦେବା ନିମନ୍ତେ କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେବା ପରେ ତତ୍ପରତା ପ୍ରକାଶ ପାଇଛି। ଅତିରିକ୍ତ କମିଶନରଙ୍କଠାରୁ ଆରମ୍ଭ କରି ଡେପୁଟି କମିଶନର, ଇଞ୍ଜିନିୟର, ସାନିଟେଶନ ଏକ୍ସପର୍ଟ ପ୍ରମୁଖଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ପରିମଳ କାର୍ଯ୍ୟକୁ ସୁନିଶ୍ଚିତ କରିବାକୁ ବିଏମ୍‌ସି, ବିଡିଏ ଓ ବିଏସ୍‌ସିଏଲ୍ ଅଧିକାରୀଙ୍କୁ ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସମୁଦାୟ ୩୮ଜଣ ଅଧିକାରୀଙ୍କୁ ୬୭ଟି ୱାର୍ଡ଼ର ପରିମଳ ଦେଖାଶୁଣା ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜ ୱାର୍ଡ଼ର ପରିମଳ କାର୍ଯ୍ୟ ଯଥା ସଫେଇ, ଗାର୍‌ବେଜ୍ ଲିଫ୍ଟିଂ, ଡ୍ରେନ୍ ଡିସିଲ୍‌ଟିଂ, ବୁସ୍ କଟିଂ ଦେଖାଶୁଣା କରିବା ସହ ଅଧିକରୁ ଅଧିକ ଗୋଷ୍ଠୀ ସହଯୋଗ ଲୋଡ଼ିବେ ଏବଂ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍‌ର ନିର୍ମାଣ ତଥା ପରିଚାଳନା ଦାୟିତ୍ୱ ମଧ୍ୟ ତୁଲାଇବେ। ଏଥିସହ କମ୍ୟୁନିଟି ଓ ପବ୍ଲିକ୍ ଟଏଲେଟ୍ ଆଦିର କାର୍ଯ୍ୟକାରିତାକୁ ମଧ୍ୟ ତଦାରଖ କରିବେ। ବୁଲା ବ୍ୟବସାୟୀ, ବ୍ୟବସାୟ ପ୍ରତିଷ୍ଠାନ, ଆବାସିକ ସଂଗଠନ, ପୂଜା କମିଟିଙ୍କୁ ଡଷ୍ଟବିନ୍ ରଖିବାକୁ ବୁଝାଇବେ। ସର୍ବସାଧାରଣ ସ୍ଥାନ ଅପରିଷ୍କାର ହେଉଥିଲେ କାର୍ଯ୍ୟାନୁଷ୍ଠାନ ନେବେ। ଷ୍ଟ୍ରିଟ୍ ଲାଇଟ୍, ଜବରଦଖଲ ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ନେବେ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

### ପୁଣି ଆରମ୍ଭ ହେବ ମୁଁ ସଫେଇବାଲା କ୍ୟାମ୍ପେନ

ବିଏମ୍‌ସି ପକ୍ଷରୁ 'ମୁଁ ସଫେଇବାଲା' କ୍ୟାମ୍ପେନ ପୁଣିଥରେ ଆରମ୍ଭ ହେବ। ସମସ୍ତ କମ୍ୟୁନିଟି ଓ ପବ୍ଲିକ୍ ଟଏଲେଟ୍‌ସମେତ ହଜାରେ ସ୍ଥାନରେ ଅଭିଯାନର ବାର୍ତ୍ତା ରଙ୍ଗୀନ ଟିଣ ଫଳକରେ ପ୍ରଦର୍ଶନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏଥିସହ ୱାର୍ଡ ପରିକ୍ରମା କରୁଥିବା ୮ଟି ଗାଡ଼ିରେ ସଚେତନତା ବାର୍ତ୍ତା ଦିଆଯାଉଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବ। ଗଣମାଧ୍ୟମ, ଗୋଷ୍ଠୀ ସଚେତନତା ଏବଂ ସ୍ୱଚ୍ଛସାଥୀଙ୍କ ମାଧ୍ୟମରେ ଜନସଚେତନତା କରାଯିବ ବୋଲି ବିଏମ୍‌ସି ପରିମଳ ଦାୟିତ୍ୱରେ ଥିବା ଡ଼େପୁଟି କମିଶନର ତଥା କୋଭିଡ୍ ନୋଡ଼ାଲ୍ ଅଫିସର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

## ନକଲି ଚେକ୍ ଦେଇ ଟଙ୍କା, ଗହଣା ଲୁଟ୍

ନିରାକାରପୁର,୨୧।୧୦(ଡି.ଏନ୍.ଏ.)

ନିରାକାରପୁର ଥାନା ବଡ଼ପୋଖରୀଆ ପଞ୍ଚାୟତ ବୋଡ଼ଙ୍ଗରା କଣ୍ଠପୁରପାଟଣା ଓ ଡ଼ିଆ ପଞ୍ଚାୟତ କପିଳେଶ୍ୱର ଗ୍ରାମରେ ଦୁଇ ପରିବାରଙ୍କଠାରୁ ନକଲି ଚେକ୍ ଦେଇ ଟଙ୍କା ଓ ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ୨ଟି ଘଟଣାରେ ଜଣେ ଅଭିଯୁକ୍ତ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ମୁତାବକ, ଗତ ୧୯ତାରିଖରେ ଜଣେ ଯୁବକ କଣ୍ଠପୁରପାଟଣାର ପଦ୍ମନାଭ ପଲେଇଙ୍କ ଘରକୁ ଯାଇ ଫନୀ ଘରଭଙ୍ଗା ବାବଦକୁ ୩ଲକ୍ଷ ୨୦ ହଜାର ଟଙ୍କାର ଚେକ୍ ଆସିଛି ବୋଲି ତାଙ୍କ ସ୍ତ୍ରୀ ରେବତୀଙ୍କୁ କହିଥିଲେ। ଉକ୍ତ ଟଙ୍କା ପାଇବାକୁ ହେଲେ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ କହି ରେବତୀଙ୍କଠାରୁ ୨୦ ହଜାର ଟଙ୍କା, ଏକ ମଙ୍ଗଳସୂତ୍ର ଓ ଏକ ହଳ କାନପେଣ୍ଡି ନେଇଯାଇଥିଲେ। ପରେ ଯାଞ୍ଚ କରିବାରୁ ତାହା ନକଲି ଚେକ ବୋଲି ଜଣାପଡ଼ିଥିଲା। ସେହିପରି କପିଳେଶ୍ୱର ଗ୍ରାମର ସଞ୍ଜୁ ସାହୁଙ୍କ ଘରକୁ ୨୦ ତାରିଖରେ ଜଣେ ଯୁବକ ଯାଇଥିଲେ। ଫନୀ ଘରଭଙ୍ଗା ବାବଦକୁ ୩ଲକ୍ଷ ୨୦ ହଜାର ଆସିଛି, ୨୦ ହଜାର ଟଙ୍କା ଦେଲେ ଏହି ଚେକ ଦିଆଯିବ ବୋଲି ଯୁବକ କହିଥିଲେ। ସଞ୍ଜୁ ତାଙ୍କୁ ୩ ହଜାର ଟଙ୍କା ଓ ଏକ ସୁନା କାନଫୁଲ ଦେଇଥିଲେ। ପରେ ଯୁବକ ଜଣକ ଉକ୍ତ ଚେକ୍ ଧରି ନିରାକାରପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଆସିବା ପାଇଁ କହିଥିଲେ। କିନ୍ତୁ ସଞ୍ଜୁ ସେଠାକୁ ଯାଇଥିଲେ ମଧ୍ୟ ଉକ୍ତ ଯୁବକ ନ ଥିଲେ। ପରେ ସେ ବ୍ୟାଙ୍କ କର୍ମଚାରୀଙ୍କୁ ପଚାରିବାରୁ ତାହା ନକଲି ବୋଲି ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବନ୍ଦ ଘରୁ ଅଧ୍ୟାପକଙ୍କ ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଘାଟିକିଆର ଏକ ବନ୍ଦ ଘରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଅଧ୍ୟାପକଙ୍କ ଗଳିତ ମୃତଦେହ ଉଦ୍ଧାର ପୋଲିସ ଉଦ୍ଧାର କରିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଭାଗବତ ପ୍ରସାଦ ରଥ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ଭାଗବତ ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସହ ଘାଟିକିଆ ଗାଁ ଦୁର୍ଗାମଣ୍ଡପ ନିକଟରେ ଘର ଭଡା ନେଇ ରହୁଥିଲେ। ବୁଧବାର ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଘର ମାଲିକ ଖଣ୍ଡଗିରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ତାଡିବା ପରେ ଭାଗବତଙ୍କ ମୃତଦେହ ଖଟ ଉପରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ମୃତ ଶରୀରରେ ପୋକ ସାଲୁବାଲ ହେଉଥିବାବେଳେ ଘର ଚଟାଣରେ ବିରିୟାନି, ପକୋଡା ଅଧାଖିଆ ଅବସ୍ଥାରେ ଥିଲା। ଏଥିସହିତ ଉକ୍ତ ଘର ଭିତରେ ପଡିଥିବା ୧୧ଟି ଖାଲି ମଦ ବୋତଲକୁ ପୋଲିସ ଜବତ କରିଛି। ଭାଗବତଙ୍କ ସ୍ତ୍ରୀ ଗଞ୍ଜାମରେ ଚାକିରି କରନ୍ତି। ଲକ୍‌ଡାଉନ୍ ସମୟରେ ସ୍ତ୍ରୀ ଓ ପିଲା ମଧ୍ୟ ତାଙ୍କ ପାଖରେ ଆସି ରହି କିଛିଦିନ ତଳେ ଗାଁକୁ ଚାଲି ଯାଇଥିଲେ। ଭାଗବତ ଏକୁଟିଆ ଥିବା ୪ଦିନ ତଳେ ତାଙ୍କ ଘର ମାଲିକ ଦେଖିଥିଲେ। ତେବେ ତାଙ୍କୁ ସୁପରିକଳ୍ପିତ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାକୁ ନେଇ ନାନା ସନ୍ଦେହ ଉପୁଜିଛି।

## ଖୁବ୍‌ଶୀଘ୍ର ନୂଆ କବାଟ ତିଆରି ଆରମ୍ଭ ହେବ

ପୁରୀ ଅଫିସ,୨୧।୧୦

### ଶ୍ରୀମନ୍ଦିର କବାଟ ରୁପା ଛାଉଣି ପ୍ରସଙ୍ଗ

- ୨ରୁ ୩ ମାସ ଭିତରେ ସରିବ ରୁପା ଛାଉଣି

ଶ୍ରୀମନ୍ଦିରର କଳାହାଟ ଦ୍ୱାର, ବେହେରଣ ଦ୍ୱାର ଏବଂ ଜୟବିଜୟ ଦ୍ୱାରରେ ଲାଗିଥିବା କବାଟଗୁଡ଼ିକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ରୁପା ଏବଂ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ରାଜସ୍ଥାନର ଜଣେ ଦାତା ଦେବେ। ତେବେ ରୁପା ଛାଉଣି ପୂର୍ବରୁ ପ୍ରଥମେ ତିନୋଟି ଯାକ କବାଟ ନୂତନ ଭାବେ ତିଆରି କରାଯିବ। ଏଥିଲାଗି ବର୍ମାଟିକ କାଠ ବିଦେଶରୁ ଅଣାଯାଉଛି। ଖୁବ୍‌ଶୀଘ୍ର କବାଟ ତିଆରି ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର ବୁଧବାର ସୂଚନା ଦେଇଛନ୍ତି। ନୀଳାଦ୍ରି ଭକ୍ତନିବାସ ପରିସରରେ ପ୍ରାୟ ୧୫ଜଣ ମହାରଣା କବାଟ ତିଆରି କରିବେ। ସିସିଟିଭି ଲଗାଯାଇ ଏହି କାମ ଉପରେ ନଜର ରଖାଯିବ। ପରିଚାଳନା କମିଟିର ସେବାୟତ ସଦସ୍ୟ ଏହାକୁ ତଦାରଖ କରିବେ। କବାଟ ନିର୍ମାଣ ସରିବା ପରେ ଏଥିରେ ରୁପା ଛାଉଣି କରାଯିବ। ପ୍ରାୟ ୨/୩ ମାସ ମଧ୍ୟରେ କାମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ମହାପାତ୍ର କହିଛନ୍ତି।

## ଗଳ୍ପ ସଂକଳନ 'ଶ୍ରେଷ୍ଠ ଷାଠିଏ' ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ବିଶିଷ୍ଟ ଗାଳ୍ପିକ ତଥା ପ୍ରଶାସକ ବିଜୟ ନାୟକଙ୍କ ଦ୍ୱାରା ଲିଖିତ ଗଳ୍ପଗୁଡ଼ିକୁ ନେଇ ପ୍ରସ୍ତୁତ ଗଳ୍ପ ସଂକଳନ 'ଶ୍ରେଷ୍ଠ ଷାଠିଏ' ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଗାଳ୍ପିକ ନାୟକ ନିଜେ ୬୦ ବର୍ଷରେ ପଦାର୍ପଣ କରିଥିବାବେଳେ ତାଙ୍କ ଦ୍ୱାରା ଲିଖିତ ସୁନିର୍ବାଚିତ ୬୦ଟି ଗଳ୍ପକୁ ନେଇ ଏହି ଗଳ୍ପ ସଙ୍କଳନ ପ୍ରକାଶ ପାଇଛି। ରାଜଭବନଠାରେ ଏକ ନିରାଡ଼ମ୍ବର ପରିବେଶ ମଧ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ପଦ୍ମଭୂଷଣ ଡ. ରମାକାନ୍ତ ରଥ ଉପସ୍ଥିତ ଥିଲେ। କଟକର ବିଦ୍ୟାପୁରୀ ପ୍ରକାଶନ ସଂସ୍ଥା ଦ୍ୱାରା ୪୫୦ ପୃଷ୍ଠା ସମ୍ବଳିତ ଏହି ଗଳ୍ପ ପୁସ୍ତକ ପାଠକୀୟ ଶ୍ରଦ୍ଧା ଲାଭ କରିବ ବୋଲି ଅତିଥିମାନେ ଆଶା କରିଛନ୍ତି।

## 'ଦାଦା ବଟିକୁ ନା' କାର୍ଯ୍ୟକ୍ରମ ଆହୁରି କଠୋର ହେବ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଦାଦା ବଟିକୁ ନା' କାର୍ଯ୍ୟକ୍ରମ ଅଧିକ ଜୋରଦାର ହେବ। ଆହୁରି କଠୋର ହେବ କମିଶନରେଟ ପୋଲିସ। ବୁଧବାର ପୋଲିସ ସେବା ଭବନରେ ଅତିରିକ୍ତ କମିଶନର ରେଖା ଲୋହାନୀଙ୍କ ଅଧ୍ୟକ୍ଷତାରେ କଟକ ଭୁବନେଶ୍ୱର ଡିସିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବଟି ମାଗୁଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଅଧିକ ତତ୍ପର ହେବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଟ୍ୱିନସିଟି କମିଶନରେଟ ପୋଲିସ ୧୯ଟି ମାମଲା ରୁଜୁ କରିବା ସହ ୨୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି।

## ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ବିଶ୍ୱଜିତ

ପୁରୀ ଅଫିସ,୨୧।୧୦



### ଆଇସ୍‌କ୍ରିମ କାଠିରେ ନନ୍ଦିଘୋଷ ରଥ

ଆଇସ୍‌କ୍ରିମ କାଠିରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ତିଆରି କରି ନିଜ ନାଁ ଏସିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନିତ କରିଛନ୍ତି ପୁରୀର ଯୁବ ଶିଳ୍ପୀ ବିଶ୍ୱଜିତ୍ ନାୟକ। ୧୯ ବର୍ଷ ବୟସରେ ନିଜର ନିଆରା କୃତି ପାଇଁ ସେ ଏହି ସଫଳତା ସାଉଣ୍ଟିଛନ୍ତି। ପୁରୀ କୁମୁଟିପାଟଣାର ବିଶ୍ୱଜିତଙ୍କ ପାଖକୁ ବୁଧବାର ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ମାନପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଆସିଛି। ଆଇସ୍‌କ୍ରିମ୍ କାଠିରେ ନିଖୁଣ ଭାବେ ସେ କୁନିରଥ ତିଆରି କରି ପ୍ରଥମେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ନିଜ ନାଁ ସାମିଲ କରିଥିଲେ। ଆଗକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସର ଅଧିକାରୀ ହେବାକୁ ସେ ଚେଷ୍ଟା ଜାରି ରଖିଥିବା ବିଶ୍ୱଜିତ କହିଛନ୍ତି।

ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ବିଶ୍ୱଜିତ ଗତ ଜୁନ୍ ମାସରେ ୨,୫୭୫ଟି ଆଇସ୍‌କ୍ରିମ୍ କାଠିରେ ୨୭ ଇଞ୍ଚ ଉଚ୍ଚତା ଓ ୨୨ ଇଞ୍ଚ ଚଉଡ଼ା ବିଶିଷ୍ଟ କୁନିରଥ ତିଆରି କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୦ ଦିନ ଲାଗିଥିଲା। ଏହାପରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡ୍‌ସକୁ ଅବଗତ କରାଇ ଆବଶ୍ୟକ ତଥ୍ୟ ପ୍ରମାଣ ପଠାଇଥିଲେ। ଏବେ ତାଙ୍କୁ ଏହି ସଫଳତା ମିଳିଛି।

**ଭୁବନେଶ୍ୱର: ସୁସ୍ଥ ହାର ୯୫%**

**ଖୋର୍ଦ୍ଧା ଅଫିସ:** ଭୁବନେଶ୍ୱର ଉପଖଣ୍ଡରେ ମଙ୍ଗଳବାର ସୁଦ୍ଧା ୪୧୯୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୯୯୬ ଜଣ ସୁସ୍ଥ ହୋଇଛନ୍ତି। ୧୫ଜଣଙ୍କ ମୃତ୍ୟୁ ଘଟିଛି। ୧୫୧ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୫୫ ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି। ସୁସ୍ଥ ହାର ୯୫% ରହିଛି ବୋଲି ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।



## ସଂକ୍ଷେପରେ

### ଚୌଦ୍ୱାର ଜେଲରେ ୩୧ ନମୁନା ପଜିଟିଭ

**ଚୌଦ୍ୱାର,୨୧।୧୦(ଡି.ଏନ୍.ଏ.):** କରୋନାକୁ ଦୃଷ୍ଟିରେ ରଖି ଚୌଦ୍ୱାର ଜେଲରୁ ୭୪ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୩୧ଟି ପଜିଟିଭ ଆସିଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି। ସଂକ୍ରମିତ ଅନ୍ତେବାସୀମାନଙ୍କୁ ଜେଲ୍ ଭିତରେ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି ଏବଂ ଅନ୍ୟ ଅନ୍ତେବାସୀଙ୍କ ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜେଲ୍ ଅଧୀକ୍ଷକ ମିଶ୍ର କହିଛନ୍ତି। ଜେଲ ଭିତର ଓ ବାହାର ଅଞ୍ଚଳକୁ ନିୟମିତ ଭାବେ ବିଶୋଧନ କରାଯିବା ସହିତ କୋଭିଡ୍ ନିୟମାବଳୀକୁ କଡାକଡି ଭାବେ ପାଳନ କରିବାକୁ ଅନ୍ତବାସୀମାନଙ୍କୁ ପରାମର୍ଶ ଦିଆଯାଇଛି।

### ଯୁବ ବିଜେଡିର ସେବା କାର୍ଯ୍ୟକ୍ରମ

**କଟକ ଅଫିସ,୨୧।୧୦:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସର ସପ୍ତାହେ ବ୍ୟାପି ବିଜୁ ଯୁବ ଜନତା ଦଳ କଟକ ଜିଲା ଏବଂ ମହାନଗର ତରଫରୁ ସେବା କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ସଙ୍ଗଠନର କଟକ ମହାନଗର ସଭାପତି ମନୋଜିତ ଦାସଙ୍କ ନେତୃତ୍ୱରେ ସିଡିଏ ସ୍ଥିତ କାଠଯୋଡ଼ି ବିହାର ବସ୍ତିରେ ଅସହାୟ ପିଲାଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି। ଏଥିସହ କରୋନା ମହାମାରୀ ପ୍ରତିରୋଧ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ସୌମ୍ୟଦୀପ ଘୋଷ, କାଳିପ୍ରସନ୍ନ ଦାସ, ସନ୍ଦୀପ ରଥ, ଲୋକ ନାରାୟଣ ଦାସ, ଅନିଲ ମହାରଣା, ସ୍ମୃତି ରଞ୍ଜନ ବେହେରା, ଶେକ୍ ସବିର, ସାମୁଏଲ ହୁସେନ ଓ ଇମ୍ରାନ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଶୋକସଭା

**କଟକ ଅଫିସ,୨୧।୧୦:** ସାହିତ୍ୟ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ନଗରଠାରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି ଶରତ କୁମାର କର, ସାମାଜିକ କର୍ମୀ ଅର୍ଚ୍ଚନା ପାତ୍ର ଓ ଅନୁଷ୍ଠାନର ପୂର୍ବତନ କୋଷାଧ୍ୟକ୍ଷ ଉତ୍ତମ ଚରଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପ୍ରଫେସର ଯୁଧିଷ୍ଠିର ଖଟୁଆ ଭିଡିଓ କନଫରେନ୍ସ ମାଧମରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅକ୍ଷୟ କୁମାର ବଳ, ଉଦୟ କେଶରୀ ବର୍ମା, ବିପଦ ବାନ୍ଧବ ମହାନ୍ତି, କବି ବ୍ରଜବନ୍ଧୁ ପୃଷ୍ଟି ଓ ଆଦିତ୍ୟ ରଞ୍ଜନ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପୁରୀ ନଗର ବିଜେଡି ପୁନର୍ଗଠିତ

**ପୁରୀ ଅଫିସ, ୨୧।୧୦:** ପୁରୀ ଜିଲା ବିଜୁ ଜନତା ଦଳ ସଭାପତି ମହେଶ୍ୱର ମହାନ୍ତି ବୁଧବାର ପୁରୀ ନଗର ବିଜେଡି ପୁନର୍ଗଠନ କରିଛନ୍ତି। ନଗର ସଭାପତି ଭାବେ ସବ୍ୟସାଚୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ନାରାୟଣ ପଟ୍ଟନାୟକ ଓ ଘନଶ୍ୟାମ ମର୍ଦ୍ଦରାଜ ଉପସଭାପତି, ଭଗବାନ ପଡ଼ିହାରୀ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ ସୁବାସ ମହାପାତ୍ର, ଅଖିଳ ମହାପାତ୍ର, ଭାଗିରଥୀ ଖୁଣ୍ଟିଆ, ବିଶ୍ୱଜିତ ପ୍ରଧାନ, ବିପିନ ପତ୍ରୀ ଓ ସୌମ୍ୟରଞ୍ଜନ ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ପ୍ରସନ୍ନ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ପୂର୍ବରୁ ନଗର ସଭାପତି ଥିବା ଭକ୍ତଚରଣ ଦାସ ଜିଲା ବିଜେଡି ଉପସଭାପତି ମନୋନୀତ ହୋଇଛନ୍ତି। ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ଜିଲା କମିଟି ଘୋଷଣା କରାଯିବ ବୋଲି ସଭାପତି ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଅଟୋ ସହ ମଦ ଜବତ, ବେପାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧୦(ଡି.ଏନ୍.ଏ.):** ଚାନ୍ଦପୁର ଥାନା ଅଞ୍ଚଳରେ ଚୋରା ମଦ ବେପାର ସକ୍ରିୟ ହୋଇ ଉଠିଛନ୍ତି। ରଣପୁର ଅଞ୍ଚଳରୁ ଚାନ୍ଦପୁରକୁ ବେଆଇନ ଚୋରା ଦେଶୀ ମଦ ଚାଲାଣ ହେଉଥିଲା। ବିଶେଷସୂତ୍ରରୁ ପୋଲିସ ବୁଧବାର ଏକ ଅଟୋ ସହ ୫୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ଜଣେ ନାବାଳକ ସହ ଜଣେ ଚୋରା ମଦ ବେପାରୀକୁ ପୋଲିସ ଗିରଫ କରିଛି। ଗିରଫ ମଦ ବେପାରୀ ଜଣକ କେରଣ୍ଡାଟାଙ୍ଗି ଗ୍ରାମର ବିଜୟ ସିଂ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଆରୋଗ୍ୟ ପରବର୍ତ୍ତୀ ପରିଚାଳନା ପାଇଁ ଆଡ୍‌ଭାଇଜରି

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

- ସୁସ୍ଥ ହେଉଥିବା ରୋଗୀଙ୍କୁ ରେଗୁଲାର ଫଲୋଅପ୍ ହେବ
- ଗୁରୁତର ରୋଗୀଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

କରୋନାରୁ ଆରୋଗ୍ୟ ପରବର୍ତ୍ତୀ ପରିଚାଳନା ସଂକ୍ରାନ୍ତରେ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଆଡ଼ଭାଇଜରି ଜାରି ହୋଇଛି। ସୁସ୍ଥ ହେବା ପରେ ମଧ୍ୟ ଅଧିକାଂଶ ଆକ୍ରାନ୍ତଙ୍କ ପାଖରେ ଅନ୍ୟକିଛି ରୋଗର ଲକ୍ଷଣ ଦେଖାଯାଉଛି। ତେଣୁ ଏକ୍ଷେତ୍ରରେ ବ୍ୟକ୍ତିଗତ ସ୍ତରରେ, ଗୋଷ୍ଠୀ ସ୍ତରରେ ଓ ହସ୍ପିଟାଲ ସ୍ତରରେ କ'ଣ କରିବାକୁ ହେବ ତାହା କୁହାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଛନ୍ତି।

ହସ୍ପିଟାଲ ସ୍ତରରେ ଦିଆଯାଇଥିବା ଆଡ଼ଭାଇଜରି ଅନୁସାରେ, ଜଣେ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାର ୭ଦିନ ମଧ୍ୟରେ ହସ୍ପିଟାଲ ପକ୍ଷରୁ ପ୍ରଥମ ଫଲୋଅପ୍ କରାଯିବ। ଶାରିରୀକ ଭାବେ ହେଉ କିମ୍ବା ଟେଲିଫୋନ୍‌ରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଏହାପରେ ଡିସ୍‌ଚାର୍ଜର ଚତୁର୍ଥ ସପ୍ତାହ ଓ ଦ୍ୱାଦଶ ସପ୍ତାହରେ ରେଗୁଲାର ଫଲୋଅପ୍ କରାଯିବ। ଯଦି କେହି ହୋମ୍ ଆଇସୋଲେଶନରେ ରହିଥିବେ ଏବଂ ସେ କିଛି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିବେ, ତେବେ ସେ ନିକଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇପାରିବେ। ତେବେ ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଫଲୋଅପ୍‌କୁ ଅଧିକ ଗୁରୁତ୍ୱ ଦିଆଯିବ। ସେହିପରି ଅନେକ ରୋଗରେ ପୀଡ଼ିତ ଥିବା ଆକ୍ରାନ୍ତ ସୁସ୍ଥ ହେବାପରେ ସେମାନଙ୍କ ଫଲୋଅପ୍‌କୁ ମଧ୍ୟ ଆଡ୍‌ଭାଇଜରିରେ ଅଧିକ ଗୁରୁତ୍ୱ ଦିଆଯାଇଛି।

### ସୁସ୍ଥ ହେବା ପରେ କ'ଣ କରିବେ

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟକ୍ତିଗତ ସ୍ତରରେ ମଧ୍ୟ କେତେକ ପରାମର୍ଶ ଦିଆଯାଇଛି। ସୁସ୍ଥ ହେବା ପରେ ସାମାଜିକ ଦୂରତା ବଜାୟ ରଖିବା ସହିତ ମାସ୍କ ପିନ୍ଧିବା, ହାତ ସଫା କରିବା, ସାନିଟାଇଜର ବ୍ୟବହାର କରିବାକୁ ପଡ଼ିବ। ପାଣି ବହୁତ ପିଇବେ। ଯଦି ସ୍ୱାସ୍ଥ୍ୟାବସ୍ଥା ଠିକ୍ ଲାଗୁଛି, ତେବେ ଘର କାମ ସହିତ ନିଜ ପ୍ରଫେଶନାଲ କାମ କରିପାରିବେ। ପ୍ରତିଦିନ ଯୋଗ, ବ୍ୟାୟାମ, ମେଡିଟେଶନ କରିବା ଉଚିତ। ପୁଷ୍ଟିକର ଖାଦ୍ୟ ଖାଇବା ସହିତ ପର୍ଯ୍ୟାପ୍ତ ଶୋଇବା ଉଚିତ। ମଦ ଓ ଧୂମ୍ରପାନଠାରୁ ଦୂରେଇ ରହିବା ଉଚିତ। ସେହିପରି ଗୋଷ୍ଠୀସ୍ତରରେ କୁହାଯାଇଛି ଯେ, ଯେଉଁ ରୋଗୀ ସୁସ୍ଥ ହେଉଛନ୍ତି ସେମାନେ ନିଜ ଅଭିଜ୍ଞତାକୁ ସାଙ୍ଗ ଓ ବନ୍ଧୁବର୍ଗରେ ବାଣ୍ଟିବେ।

# ପାର୍କିଂ ସ୍ଥାନରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

**କଟକ ଅଫିସ, ୨୧।୧୦**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ପାର୍କିଂସ୍ଥାନ ଏବେ ବେଆଇନ ଭାବେ ଜବରଦଖଲ କରାଯାଇଛି। ହେଲେ ଏ ନେଇ ସିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସହରରେ ଟ୍ରାଫିକ୍‌ସମସ୍ୟା ଦୂର କରିବାକୁ ସିଏମ୍‌ସି ଏବଂ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। କରୋନା ଆଳରେ ସିଏମ୍‌ସି କର୍ତ୍ତୃପକ୍ଷ ହାତବାନ୍ଧି ବସିଥିବା ଅଭିଯୋଗ କରିଛି ଭାରତୀୟ ମାନବାଧିକାର ସଂଗଠନ। ଏ ନେଇ ଏକ ପ୍ରତିନିଧି ଦଳ ବୁଧବାର ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ପାର୍କିଂ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯିବା, ପାର୍କିଂ ସ୍ଥାନରେ ନିଲାମଧାରୀ ଓ ସ୍ଥାନୀୟ ଥାନାର ଯୋଗାଯୋଗ ନମ୍ବର ରହିବା, ସିଏମ୍‌ସି ତରଫରୁ ଏହାର ଠିକ୍ ଭାବେ ତଦାରଖ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଲେଜ ଛକ ପେଟ୍ରୋଲ ପମ୍ପ ନିକଟରେ ଥିବା ପାର୍କିଂ ସ୍ଥାନରେ ବହୁ ଉଠାଦୋକାନୀ ଫାଷ୍ଟଫୁଡ ବ୍ୟବସାୟ କରୁଛନ୍ତି। ସେଠାରେ ସିଲିଣ୍ଡର ବ୍ୟବହାର କରାଯାଉଛି। ଏହି ସ୍ଥାନରେ ଅଘଟଣ ଘଟିଲେ ଜୀବନ ହାନି ଘଟିବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଉଚିତ ନିଷ୍ପତ୍ତି ନେବାକୁ ସଙ୍ଗଠନ ପକ୍ଷରୁ ସିଏମ୍‌ସି କମିଶନରଙ୍କ ନିକଟରେ ଦାବି ହୋଇଛି। ତେବେ ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଘଟଣାର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ପ୍ରତିନିଧି ଦଳରେ ସଙ୍ଗଠନ ଜାତୀୟ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ସନ୍ତୋଷ ସାହୁ, ପାର୍ଥ ସାରଥି ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ହ୍ରାସପାଇଛି ସଡ଼କ ଦୁର୍ଘଟଣା

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

**ଲକ୍‌ଡାଉନ୍ ଯୋଗୁ ୪୩.୫% କମିଛି ମୃତ୍ୟୁସଂଖ୍ୟା**

କୋଭିଡ୍‌ଜନିତ ଲକ୍‌ଡାଉନ୍ ଯୋଗୁ ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ଲକ୍‌ଡାଉନ୍‌ର ୪ମାସରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୪୩.୫% କମିଛି। ଏପ୍ରିଲରୁ ଜୁଲାଇ ମଧ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଥିବା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ବୁଧବାର ସୂଚନା ଦେଇଛନ୍ତି। ୨୦୧୯ ଏପ୍ରିଲରୁ ଜୁଲାଇ ମଧ୍ୟରେ ୧,୮୫୩ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୨୦୨୦ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ୧,୦୪୮ ଜଣଙ୍କ ଜୀବନ ଯାଇଛି। ଗତ ଏପ୍ରିଲ ମାସରେ ସଡ଼କ ଦୁର୍ଘଟଣା ଜନିତ ମୃତାହତଙ୍କ ସଂଖ୍ୟା ସର୍ବାଧିକ ୭୪% କମିଥିବା ବେଳେ ମେ' ମାସରେ ୪୨, ଜୁନ୍ ମାସରେ ୧୮ ଏବଂ ଜୁଲାଇ ମାସରେ ୧୯% କମିଥିବା କୁହାଯାଇଛି। ୨୦୨୦ର ପ୍ରଥମ ୭ ମାସରେ ଅର୍ଥାତ୍ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୩୦% କମିଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ମଧ୍ୟରେ ରାଜ୍ୟରେ ମୋଟ ୫,୧୨୫ ସଡ଼କ ଦୁର୍ଘଟଣା ଘଟିଛି। ଗତବର୍ଷ ଅର୍ଥାତ୍ ୨୦୧୯ର ଏହି ସମୟ ମଧ୍ୟରେ ୬,୬୯୦ ସଡ଼କ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିଲା। ସେହିଭଳି ୨୦୧୯ର ପ୍ରଥମ ୭ମାସରେ ୩,୪୨୬ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୨୦୨୦ର ଏହି ସମୟରେ ୨,୪୦୧ଜଣ ଜୀବନ ହରାଇଛନ୍ତି।

# ୧୩ ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

**ପୁରୀ ଅଫିସ,୨୧।୧୦**

**ଗୁଳିମାଡ଼ ମାମଲା**

୧୩ବର୍ଷ ତଳର ଏକ ଗୁଳିମାଡ଼ ମାମଲାରେ ଫେରାର ଥିବା ୨ଜଣ ଅଭିଯୁକ୍ତଙ୍କୁ ବୁଧବାର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଦୁଇଜଣ ହେଲେ ବାଲି ସ୍କୁଲ ନିକଟ ଗୋପାଳ ଦାସ(୪୫) ଓ ଧାନକୁଟି ସାହିର ରଞ୍ଜିତ ପଟ୍ଟନାୟକ (୪୫)। ୨୦୦୭ ଅଗଷ୍ଟ ୩୦ ତାରିଖ ରାତି ପ୍ରାୟ ସାଢେ ୯ଟାରେ ଦୁଇଭାଇ ଉତ୍ତମ କୁମାର ଷଡ଼ଙ୍ଗୀ ଓ ଅଜୟ କୁମାର ଷଡ଼ଙ୍ଗୀ ଯାଉଥିବାବେଳେ ଅକ୍ଷୟ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଗୋପାଳ ଦାସ, ରଞ୍ଜିତ ପଟ୍ଟନାୟକ, ନରସିଂହ ମହାପାତ୍ର ପହଞ୍ଚି ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରେ ଅଜୟଙ୍କ ଡାହାଣ ପଟ ପେଟରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୨୫୦/୨୦୦୭) ରୁଜୁ ହୋଇଥିଲା। ସେବେଠାରୁ ଗୋପାଳ ଓ ରଞ୍ଜିତ ଫେରାର ଥିଲେ।

# ଧର୍ମପଦ ପୁରସ୍କାର ଗ୍ରହଣ କଲେ ଯତୀନ ଦାସ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**



ଯତୀନ ଦାସ ଧର୍ମପଦ ପୁରସ୍କାର ଗ୍ରହଣ କରୁଛନ୍ତି।

ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫରୁ ଖ୍ୟାତନାମା ଚିତ୍ରଶିଳ୍ପୀ ଯତୀନ ଦାସଙ୍କୁ ଏକଡ଼େମୀର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ପ୍ରଦାନ କରାଯାଇଛି। ୨୦୧୩ ମସିହା ଲାଗି ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗତ ଅଗଷ୍ଟ ୧୦ରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ଧର୍ମପଦ ପୁରସ୍କାର ପ୍ରଦାନ କରିଥିଲେ। କୋଭିଡ୍ ସଂକ୍ରମଣ ଯୋଗୁ ଏଥର କୌଣସି ଉତ୍ସବର ଆୟୋଜନ କରା ନ ଯାଇ ଶିଳ୍ପୀଙ୍କୁ ସେମାନଙ୍କ ବାସଭବନରେ ପୁରସ୍କାର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଯତୀନ ଦାସ ନୂଆଦିଲ୍ଲୀରେ ଥିବାରୁ ସେ ପୁରସ୍କାର ଗ୍ରହଣ କରିପାରି ନ ଥିଲେ। ବୁଧବାର ଏକାଡ଼େମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଦିଲ୍ଲୀ ଗସ୍ତ କରି ତାଙ୍କୁ ପୁରସ୍କୃତ କରିଛନ୍ତି। ଜାତୀୟ କଳା ସଂଗ୍ରହାଳୟର ମହାନିର୍ଦ୍ଦେଶକ ଅଦ୍ୱୈତ ପ୍ରସାଦ ଗଡ଼ନାୟକ, ସ୍ଥାପତ୍ୟ ଶିଳ୍ପୀ ନିବେଦିତା ଗଡ଼ନାୟକ ଏହି ଅବସରରେ ଉପସ୍ଥିତ ଥିଲେ।

# ବିଧାୟକଙ୍କ ସମେତ ୬ଜଣଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

**କେଲୁଅ ନଦୀବନ୍ଧରେ ମନୁଷ୍ୟକୃତ ଘାଇ ମାମଲା**

ଯାଜପୁର ଜିଲା ଧର୍ମଶାଳା ବ୍ଲକର କେଲୁଅ ନଦୀ ବନ୍ଧରେ ଗତ ଅଗଷ୍ଟ ବନ୍ୟାରେ ମନୁଷ୍ୟକୃତ ଘାଇ ଯୋଗୁ ଅନେକ ଗ୍ରାମ ଜଳବନ୍ଦୀ ହୋଇଥିଲା। ଏନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହି ମାମଲାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ, ଯାଜପୁର ଜିଲାପାଳ, ପାଣିକୋଇଲି ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଜାରକା ଜଳସେଚନ ଡିଭିଜନର ଉପନିର୍ବାହୀ ଯନ୍ତ୍ରୀ ଓ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଲିଖିତ ଭାବେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଧର୍ମଶାଳାରେ ବହୁ ଚର୍ଚ୍ଚିତ କେଲୁଆ ନଦୀ ଘାଇ ସମ୍ପର୍କରେ ସର୍ବେଶ୍ୱର ବେଉରା ନାମକ ଜଣେ ବ୍ୟକ୍ତି ଗତ ସେପ୍ଟେମ୍ବର ୮ରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଲୋକାୟୁକ୍ତ ଅକ୍ଟୋବର ୧୫ରେ ଏହି ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୩ରେ ହେବ ବୋଲି ଲୋକାୟୁକ୍ତ ଦିନ ଧାର୍ଯ୍ୟ କରିଛନ୍ତି।

# ପୋଲିସ ଶହୀଦ ଦିବସ

**ପୁରୀ ଅଫିସ/ ଖୋର୍ଦ୍ଧା ଅଫିସ,୨୧।୧୦**

ପୁରୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ବୁଧବାର ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ଏଥିରେ ଏସ୍‌ପି ଅଖିଳେଶ୍ୱର ସିଂ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଶହୀଦ ପ୍ରତିମୂର୍ତ୍ତିରେ ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କରୋନା ମହାମାରୀ ସମୟରେ ସେବା କରି ନିଜ ଜୀବନ ଦେଇଥିବା ୪୧ ଜଣ କୋଭିଡ୍ ଯୋଦ୍ଧାଙ୍କ ନାମ ଏସ୍‌ପି ପାଠ କରିଥିଲେ। ଏମାନଙ୍କ ମଧ୍ୟରେ ପୁରୀର ଶୁଭ୍ରାଂଶୁ ଶେଖର ପ୍ରଧାନ ଓ ଉମେଶ ସେଠୀ ରହିଛନ୍ତି। ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ ପରେଡ ପରିଚାଳନା କରିଥିଲେ। ଅତିରିକ୍ତ ଏସ୍‌ପି ଅରୁଣ ଜେନା ଓ ଅମୂଲ୍ୟ କୁମାର ରାଉତରାୟ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ, ଏସ୍‌ଡିପିଓ କିଶୋର ମୁଣ୍ଡ, ଏସି (ମନ୍ଦିର ସୁରକ୍ଷା) କୌଶିକ ନାୟକ, ଏସି (ହୋମ୍‌ଗାର୍ଡ) ଜିତେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଖୋର୍ଦ୍ଧା ଜିଲା ତରଡୁଆସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପରେଡ ଅଭିବାଦନ ଗ୍ରହଣ କରିବା ସହ ଶହୀଦସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଷଷ୍ଠ ଆଇଆର୍‌ବି ବାଟାଲିୟନର କମାଣ୍ଡାଣ୍ଟ ନାରାୟଣ ଦୋରା, ଅତିରିକ୍ତ ଏସ୍‌ପି କୃତିବାସ ଜେନା, ମାୟାଧର ସେଠୀ, ଡିଏସ୍‌ପି ସତୀଶ ପାଢୀ, ଅତନୁ ରାଉତ, ଓମ୍ ପାତ୍ର, ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ।






**ବିଭିନ୍ନ ବେଶରେ ପୂଜା ପାଉଥିବା ମା':** କଟକଚଣ୍ଡୀଙ୍କ ଗାୟତ୍ରୀ ବେଶ। ଗଡ଼ଚଣ୍ଡୀଙ୍କ ଗାୟତ୍ରୀ ବେଶ। ମା' ବାସନ୍ତୀ ଦୁର୍ଗାଙ୍କ ଅନ୍ନପୂର୍ଣ୍ଣା ବେଶ। ମା' ଚର୍ଚ୍ଚିକାଙ୍କ ଷଷ୍ଠୀ ପୂଜାର ରାତି ବେଶ।






**ମଣ୍ଡପରେ ପୂଜା ପାଇବାକୁ ପ୍ରସ୍ତୁତ:** ପୁରୀ ଗୁଡ଼ିଆସାହିର ଗେଲବାଇ ଠାକୁରାଣୀ। ପୁରୀ ତିଆଡ଼ି ସାହିର ହାଡ଼ବାଇ ଠାକୁରାଣୀ। ପୁରୀ ବାଲିସାହିର ଜହ୍ନିଖାଇ ଠାକୁରାଣୀ। ଭୁବନେଶ୍ୱର ପୁରୁଣା ଷ୍ଟେଶନବଜାର।

